# ସତର୍କତାମୂଳକ ସୂଚନା

**ବେଆଇନ୍ ଓ ଜାଲିଆତିମୂଳକ ଲୋନ୍ ସେଟେଲମେଣ୍ଟ / ପରାମର୍ଶ ସେବା ପ୍ରତି ସତର୍କ ରୁହନ୍ତୁ, ଯାହାକି ଅଣପ୍ରାଧିକୃତ ଘରୋଇ ସଂସ୍ଥା ଦ୍ୱାରା ବେଆଇନ୍ ଭାବରେ ପ୍ରଲୋଭିତ କରାଯାଉଛି**

ପ୍ରିୟ ଗ୍ରାହକମାନେ,

ଏହା ଆମେ ଜାଣିବାକୁ ପାଇଛୁ ଯେ କିଛି ଅଣସ୍ୱୀକୃତ, ଅଣପ୍ରାଧୀକୃତ ଘରୋଇ ସଂସ୍ଥା (ଏଣ୍ଟିଟିଜ୍) କିଛି ଗ୍ରାହକମାନଙ୍କୁ (1) ବିଶେଷ କରି ସୋସିଆଲ୍ ମିଡିଆ ବିଜ୍ଞାପନ, ଫେସବୁକ୍ ଓ ଟ୍ୱିଟର (2) ଏହାକୁ ୱେବସାଇଟରେ ପ୍ରକାଶ କରି ଓ ସର୍ଚ୍ଚ ଇଞ୍ଜିନ୍ ମାଧ୍ୟମରେ ଏହାକୁ ଉପଲବ୍ଧ କରାଇ (3) ପ୍ରତିଷ୍ଠିତ ଆର୍ଥିକ ଅନୁଷ୍ଠାନର ବ୍ରାଣ୍ଡ ଲୋଗୋ ଓ ଟ୍ରେଡ ମାର୍କର ୱେବସାଇଟ୍, ସୋସିଆଲ୍ ମିଡିଆରେ ଅପବ୍ୟବହାର/ ଅଣପ୍ରାଧୀକୃତ ବ୍ୟବହାର କରି (4) ୱେବସାଇଟରେ ନକଲି ମତାମତ ପ୍ରକାଶ କରି ଓ ସାଧାରଣ ଗ୍ରାହକମାନଙ୍କୁ ପ୍ରଲୋଭନ ପ୍ରଦାନ କରି ବେଆଇନ୍ ଲୋନ ସେଟେଲମେଣ୍ଟ ପରାମର୍ଶ ସେବା ମାଧ୍ୟମରେ ଠକୁଛନ୍ତି। ଏହା ମାଧ୍ୟମରେ ଆଡଭାନ୍ସ/ ଅପଫ୍ରଣ୍ଟ ମୂଲ୍ୟ ପ୍ରଦାନ କରି ତାଙ୍କର ଋଣ ପରିମାଣକୁ ସମାପ୍ତ କରିବାକୁ ପ୍ରଲୋଭିତ କରାଯାଉଛି।

ଆମେ ଆମର ଗ୍ରାହକ ଓ ସାଧାରଣ ଲୋକମାନଙ୍କୁ ଏହିସବୁ ଅଣ ପ୍ରାଧୀକୃତ, ଅଣ ସ୍ୱୀକୃତ ଅନୁଷ୍ଠାନ ସହିତ ନିୟୋଜିତ ନହେବା ପାଇଁ ପରାମର୍ଶ ଦେଉଛୁ ଯେଉଁମାନେ ଋଣ ଖିଲାଫ କରୁଥିବା ଗ୍ରାହକ ବା ଋଣ ପରିମାଣକୁ ଖିଲାଫ କରିବାକୁ ଚାହୁଁଥିବା ଗ୍ରାହକମାନଙ୍କୁ ସେମାନଙ୍କର ଜାଲିଆତିମୂଳକ ଋଣ ସମାଧାନ ସେବା / ସଲ୍ୟୁସନ ମାଧ୍ୟମରେ ପ୍ରଲୋଭିତ କରୁଛନ୍ତି ଯାହା ଫଳରେ ଗ୍ରାହକମାନଙ୍କୁ (ପୀଡ଼ିତ) ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି।

ଏହିସବୁ ସଂସ୍ଥାମାନଙ୍କର କାର୍ଯ୍ୟ ପ୍ରଣାଳୀ ନିମ୍ନ ପ୍ରକାରେ ଅଟେ :

1. ପୀଡ଼ିତ ମାନଙ୍କୁ ସହାୟତା କରିବା ଆଳରେ, ଲୋନ ସେଟେଲମେଣ୍ଟ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ଗ୍ରାହକ ଓ ବ୍ୟାଙ୍କ ବା ଏନବିଏଫସି ("ଋଣଦାତା") ଙ୍କ ମଧ୍ୟରେ ମେଡିଏଟର ଭାବରେ ନିଜକୁ ପରିଚିତ କରାଇଥାନ୍ତି। ଏହି ସଂସ୍ଥା ଗୁଡ଼ିକ ମିଥ୍ୟା ଆଶ୍ୱାସନା ପ୍ରଦାନ କରିଥାନ୍ତି ଯଥା

(i) ସେମାନଙ୍କର ସ୍ୱତନ୍ତ୍ର ଆଇନଗତ କ୍ଷମତାର ବ୍ୟବହାର କରି ବହୁତ କମ ପରିମାଣ ସହିତ ଲୋନକୁ ସମାଧାନ କରିବା।

(ii) ସେମାନଙ୍କର ଆଇନଗତ ସହାୟତାର ବ୍ୟବହାର କରି ଗ୍ରାହକଙ୍କ ବନ୍ଧକ ସମ୍ପତ୍ତିର ସୁରକ୍ଷା କରିବା

(iii) କଳା ତାଲିକାଭୁକ୍ତ କମ୍ପାନୀର ଅତିରିକ୍ତ ବକେୟାକୁ ଖୁବ୍ କମ୍ ମୂଲ୍ୟ ସହିତ ସମାଧାନ କରିବା

2. ସେମାନେ ପୀଡ଼ିତଙ୍କୁ ଏକ ରାଜିନାମା/ କାଗଜାତ ପ୍ରକ୍ରିୟା କରିବାକୁ କହିଥାନ୍ତି ଓ ପୀଡ଼ିତଙ୍କ ପକ୍ଷରୁ କାର୍ଯ୍ୟ କରିବା ପାଇଁ ଏକ ପ୍ରାଧୀକରଣ ପତ୍ର ଚାହିଁଥାନ୍ତି।

3. ସେମାନେ ସାଧାରଣ ଗ୍ରାହକମାନଙ୍କୁ ଠକିଥାନ୍ତି

(କ) ସେମାନେ ଗ୍ରାହକଙ୍କୁ ଅତି କମରେ 2 ମାସର ଇଏମଆଇ ପରିମାଣକୁ ପ୍ରଦାନ ନକରିବାକୁ ବୁଝାଇଥାନ୍ତି ଓ ଏହି ପରିମାଣକୁ ଏହି ସଂସ୍ଥାର ଏକ ସ୍ପେଶିଆଲ୍ "ସେଟେଲମେଣ୍ଟ" ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରିବାକୁ କହିଥାନ୍ତି ଯଦ୍ୱାରା ତାଙ୍କର ବକେୟା ସମଧାନ କରାଯାଇପାରିବ ଯାହାକି ଜାଲିଆତିମୂଳକ ଅଟେ।

(ଖ) ସେମାନେ ଗ୍ରାହକଙ୍କୁ ସେମାନଙ୍କର ଋଣକୁ ଏକ ସ୍ୱତନ୍ତ୍ର ଦକ୍ଷତା ବଳରେ ଖୁବ୍ କମ୍ ପରିମାଣ ସହିତ ସମାଧାନ କରିବାକୁ ପ୍ରତିଶୃତି ଦେଇଥାନ୍ତି।

(ଗ) ସେମାନେ ଗ୍ରାହକଙ୍କୁ ଏହା ଆଶ୍ୱାସନା ପ୍ରଦାନ କରିଥାନ୍ତି ଯେ ଏହି କାର୍ଯ୍ୟ ଦ୍ୱାରା ଅର୍ଥାତ୍ ଇଏମଆଇ ପଠଇ ଖିଲାଫ କରିବା କ୍ଷେତ୍ରରେ ବା କମ୍ ଇଏମଆଇ ପ୍ରଦାନ କରିବା କ୍ଷେତ୍ରରେ ଗ୍ରାହକଙ୍କର ସିବିଲ୍ ରେକର୍ଡ଼ ପ୍ରଭାବିତ ହେବ ନାହିଁ।

(ଘ) ସେମାନଙ୍କର କୌଶଳ ଅନୁସାରେ, ସେମାନେ ମିଥ୍ୟା ଅଭିଯୋଗ ସହିତ ନୋଟିସ୍ ଜାରି କରିଥାନ୍ତି ଓ ଋଣଦାତାଙ୍କ ସର୍ତ୍ତ / ବ୍ୟବସ୍ଥାବଳୀକୁ ଉଲଙ୍ଘନ କରିଥିବା ବିଷୟ ଦର୍ଶାଇଥାନ୍ତି।

(ଙ) ସେମାନେ ମଧ ପୀଡ଼ିତ ବ୍ୟକ୍ତିଙ୍କୁ ଋଣଦାତାଙ୍କ ଠାରୁ ପ୍ରାପ୍ତ ଇନକମିଂ ଫୋନ କଲକୁ ଡାଇଭର୍ଟ କରିବାକୁ କହିଥାନ୍ତି ଓ ଋଣଦାତାଙ୍କ ସହିତ କଲରେ ଖରାପ ବ୍ୟବହାର କରିଥାନ୍ତି ଯାହାକି ଋଣଦାତାଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନଥାଏ।

ଆମେ ଏହା ଧାନ ପ୍ରଦାନ କରିବାକୁ ଅନୁରୋଧ କରୁଛୁ ଯେ, ଏପରି ସଂସ୍ଥା ସହିତ ନିୟୋଜିତ ରହିବା ନିର୍ବିଶେଷରେ, ଗ୍ରାହକଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ମାତ୍ରାରେ ବାଲାନ୍ସ ନରହିବା କ୍ଷେତ୍ରରେ ଗ୍ରାହକଙ୍କ ଦ୍ୱାରା ସଫଳତା ପୂର୍ବକ ପଇଠ ହୋଇ ପାରିନଥାଏ ଯେଉଁ କାରଣରୁ :

(କ) ବ୍ୟାଙ୍କ ଜରିମାନା/ ଫିସ୍ ଲାଗୁ କରିବ ଓ ଗ୍ରାହକଙ୍କ ଆକାଉଣ୍ଟରୁ ଏହାକୁ କାଟ କରାଯିବ ଯେତେବେଳେ ଆକାଉଣ୍ଟରେ କ୍ରେଡିଟ୍ ବାଲାନ୍ସ ରହିଥିବ। ବ୍ୟାଙ୍କ ଦ୍ୱାରା ଏହି ରିକଭରି ସମାନ ମାସରେ ବା କ୍ରମାଗତ ଭାବରେ କିଛି ମାସ ପାଇଁ ବା କୌଣସି ନିର୍ଦ୍ଦିଷ୍ଟ ମାସରେ କରାଯାଇପାରେ ଓ

(ଖ) ଋଣଦାତା ଏହି ଇଏମଆଇ ର ଅଣ ପଇଠ କ୍ଷେତ୍ରରେ ଜରିମାନା ଲାଗୁ କରିବେ ଯାହାକି ଗ୍ରାହକଙ୍କ ଦ୍ୱାରା ପ୍ରଦାନ କରାଯିବ।

ଫଳସ୍ୱରୂପ, ଇଏମଆଇ ପରିମାଣ ସହିତ ଗ୍ରାହକଙ୍କୁ ଅତିରିକ୍ତ ପରିମାଣରେ ଅର୍ଥ ପ୍ରଦାନ କରିବାର ବୋଝ ଲାଗୁ ହେବ। ଏହି ସମୟରେ, ଏହି ଭଳି ଭାବରେ ଅର୍ଥ ପଇଠ ନକରିବା ଦ୍ୱାରା ଗ୍ରାହକଙ୍କ କ୍ରେଡିଟ୍ ରେକର୍ଡ଼ର ସିବିଲ ରେଟିଂରେ ନକାରାତ୍ମକ ପ୍ରଭାବ ପକାଇବ।

ଆଉ ମଧ୍ୟ ଋଣ ଦାତା ମାନେ  ଲୋନ ସେଟେଲମେଣ୍ଟ / କାଉନ୍ସେଲିଂ ସଂସ୍ଥାକୁ ସ୍ୱୀକୃତି ପ୍ରଦାନ କରିନଥାନ୍ତି କାରଣ ଋଣଗ୍ରହୀତା ଋଣ ଗ୍ରହଣର ସର୍ତ୍ତ ଓ ବ୍ୟବସ୍ଥାବଳୀର ଖିଲାପ କରିପାରିବେ ନାହିଁ ବା ଅନ୍ୟ କୌଣସି ମାଧ୍ୟମକୁ ଗ୍ରହଣ କରିପାରିବେ ନାହିଁ।

ଗ୍ରାହକଙ୍କର ଋଣ ପରିମାଣ ଦିନକୁ ଦିନ ବଢୁଥିବା ସତ୍ତ୍ୱେ ଓ ଏହା କ୍ରେଡିଟ ରେଟିଂକୁ ପ୍ରଭାବିତ କରୁଥିବା ସତ୍ତ୍ୱେ ଏହି ସଂସ୍ଥା ଗୁଡ଼ିକ କୌଣସି ପ୍ରକାର ସେବା ପ୍ରଦାନ କରିନଥାନ୍ତି, କାରଣ ଏହି ସେବା ଗୁଡ଼ିକ ଆଇନ ଅନୁସାରେ ସ୍ୱୀକୃତ ନୁହେଁ ବା ଋଣଦାତାଙ୍କ ଦ୍ୱାରା ଏପରି କାର୍ଯ୍ୟ କରିବା ପାଇଁ ସ୍ୱୀକୃତ ନୁହନ୍ତି। ସେମାନେ କେବଳ ସାଧାରଣ ଲୋକମାନଙ୍କର କଷ୍ଟ ଉପାର୍ଜିତ ଅର୍ଥକୁ ଠକି ନେଇଥାନ୍ତି ଏବଂ ଏହି ସଂସ୍ଥା ଗୁଡ଼ିକ କୌଣସି ପ୍ରକାର ସେବା ପ୍ରଦାନ କରି ନଥାନ୍ତି।

ଆମେ ଆମର ଗ୍ରାହକମାନଙ୍କୁ ଏପରି ବେଆଇନ୍ ଓ ଜାଲିଆତିମୂଳକ ସଂସ୍ଥା ଠାରୁ ସତର୍କ ରହିବାକୁ ଅନୁରୋଧ କରୁଛୁ ଯେଉଁମାନେ ସେମାନଙ୍କର ୱେବସାଇଟରେ ତଥା ବିଭିନ୍ନ ଇଲେକ୍ଟ୍ରୋନିକ୍ / ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ନକଲି/ ଜାଲିଆତିମୂଳକ ବିଜ୍ଞାପନ ପ୍ରଦାନ କରୁଛନ୍ତି ଯେହେତୁ ଅଣପ୍ରାଧୀକୃତ / ବେଆଇନ୍ ଭାବରେ ଲୋନ ସେଟେଲମେଣ୍ଟ ରେ କ୍ରେଡିଟ୍ ରେକର୍ଡ଼ ଖରାପ ହେବାର ସମ୍ଭାବନା ରହିଛି ଓ ଆମେ ଆପଣଙ୍କୁ ଅନୁରୋଧ କରୁଛୁ ଯେ ଏପରି ମିଥ୍ୟା ଆଶ୍ୱାସନା/ ଦାବୀର ପ୍ରଲୋଭନରେ ପଡ଼ନ୍ତୁ ନାହିଁ।

**ସତର୍କ ରୁହନ୍ତୁ, ନିରାପଦ ରୁହନ୍ତୁ**

ବଜାଜ୍ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଏକ ଜନ ସଚେତନତାମୂଳକ ପରାମର୍ଶ